**KMA MESSAGE SENT BY KVK, BALANGIR TILL DATE AUGUST-20225**

| Sl. No. | Message | Date |
|---|---|---|
| 1 | ହରଡ଼ ଲଗାଇବାର 3 ରୁ 4 ସପ୍ତାହ ହୋଇଗଲେ କୋଡା ଖୁସା ସାରି ଘାସ ବାଛି ଦିଅନ୍ତୁ \| | 8/8/2025 12:00:00 AM |
| 2 | ମକା ଫସଲରେ ଲେଦା ପୋକର ପ୍ରାଦୁର୍ଭାବ ଦେଖାଦେଲେ ଏକର ପ୍ରତି 400 ମିଲି ପ୍ରୋଫେନୋଫସ 50% ଇସି 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ \| | 8/8/2025 12:00:00 AM |
| 3 | ଚିନାବାଦାମ ରେ ଝାଉଁଳା ରୋଗର ଦମନ ପାଇଁ 10 ଲିଟର ପାଣିରେ 1 ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ ସହିତ 15 ଗ୍ରାମ କାରବେଣ୍ଡିଯମ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ \| | 8/8/2025 12:00:00 AM |
| 4 | ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ ଓ ପ୍ରତି 3 ବର୍ଷରେ ବିହନ କୁ ବଦଳାଇ ଦିଅନ୍ତୁ, ଉନ୍ନତ ମାନର ବିହନ ବ୍ୟବହାର ଦ୍ୱାରା ଅମଳ 15% ବୃଦ୍ଧି ହୋଇପାରିବ \| | 6/13/2025 12:00:00 AM |
| 5 | ଢିପ ଜମିରେ ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡି, ହରଡ଼, ମାଣ୍ଡିଆ, ଚିନାବାଦାମ, ଜଡ଼ା ଇତ୍ୟାଦି ଚାଷ କରନ୍ତୁ \| | 6/13/2025 12:00:00 AM |
| 6 | ଦୈନିକ 9 ଲି ଦୁଗ୍ଧ ଦେଉଥିବା ଦୁଧିଆଳୀ ଗାଈ ମାନଙ୍କୁ ଦୈନିକ 30 କିଲୋ ଚାରା ସହ 1 କିଲୋ ଦାନ ଖାଇବାକୁ ଦେବା ଉଚିତ୍ତ | 2/28/2025 12:00:00 AM |
| 7 | କୁକୁଡ଼ା ଚିଆଁ ମାନଙ୍କୁ 5-7 ଦିନ ବୟସ ରେ ଏବଂ 14 ଦିନ ବୟସ ରେ ଯଥାକ୍ରମେ ରାଣୀଖେତ ରୋଗ ଏବଂ ଗୁମ୍ବୋରୋ ରୋଗ ଟୀକା ଆଖିରେ ବା ନାକ ଫୁଡା ରେ ଏକ ଥୋପା ପକାଇ ଟୀକାକରଣ କରିବା ଉଚିତ | 2/28/2025 12:00:00 AM |
| 8 | ଗର୍ଭବତି ଛେଳି ମାନଙ୍କୁ ଗର୍ଭା ବସ୍ତା ର ଶେଷ ମାସରେ ଏବଂ ଛୁଆ ଜନ୍ମ କରିବାର ପରେ 2 ମାସ ପର୍ଯ୍ୟନ୍ତ ଦୈନିକ 100 ଗ୍ରାମ ଦାନା (50 ଗ୍ରାମ ମକା + 50 ଗ୍ରାମ ଗନ୍ଧିରୀ ) ଏବଂ 20 ଗ୍ରାମ ଖଣିଜ ମିଶ୍ରଣ ଖାଇବାକୁ ଦେଲେ କ୍ଷୀର ଉତ୍ପାଦନ ଠିକ ହୁଏ ଏବଂ ଛୁଆ ମୃତ୍ୟୁ ହାର କମ ହୁଏ \| | 2/28/2025 12:00:00 AM |
| 9 | ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ ନିହାତି ଜରୁରୀ, 100 ଲିଟର ପାଣିରେ 150 ଗ୍ରାମ କାରବେନଡ଼ିଜାମ ନାମକ ଫିମ୍ପି ନାଶକ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ, ଏହି ଦ୍ରବଣରେ ଆଖୁ ଖଣ୍ଡ ଗୁଡିକୁ 30 ମିନିଟ ବୁଡାଇ ମୁଖ୍ୟ ଜମିରେ ଲଗାନ୍ତୁ \| | 1/29/2025 12:00:00 AM |
| 10 | ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି Metalaxyl ୮% + Mancozeb ୬୪% W.P @ ୪୦୦ ଗ୍ରାମ କିମ୍ବା Fosetyl -AL ୮୦ % WP @ ୬୦୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । | 12/27/2024 12:00:00 AM |
| 11 | ସୀତ ଦିନରେ କାକର ଭିଜା ଘାସ ଖାଇବା ଦ୍ୱାରା କୌଣସି ଲକ୍ଷଣ ନ ଦେଖେଇ ଏଣ୍ଟେରୋଟାକ୍ସଇମା ରୋଗରେ ପଡି ହଟାତ ମୃତ୍ୟୁ ମୁଖରେ ପଡନ୍ତି , ତେଣୁ ଛେଳି ଛୁଆ ମାନଙ୍କୁ ସୀତ ଦିନ ରେ କାକର ଶୁଖିଲା ପରେ ପଡିଆ କୁ ଚରି ବାକୁ ଛାଡ଼ନ୍ତୁ | 12/27/2024 12:00:00 AM |
| 12 | ଧାନ କିଆରିରେ ଶତକଡା 85 ଭାଗ କେଣ୍ଡା ପାଚି ଯାଇଥିଲେ ବିଳମ୍ବ ନ କରି ଧାନ କାଟି ଦିଅନ୍ତୁ \| ଅମଳ ପରେ ଧାନକୁ 2-3 ଟି ଟାଣ ଖରାରେ ଶୁଖାଇ ଦିଅନ୍ତୁ | 11/19/2024 12:00:00 AM |

| | | |
|---|---|---|
| 13 | ଗୋଲାପ ଗଛ କୁ କାଣ୍ଡ ଛାଂଟ କରି ଅଳ୍ପ କେତେକ ସୁସ୍ତ ଡାଳ ରଖନ୍ତୁ ଏବଂ କାଣ୍ଡ ଛାଂଟ କରିବାର 7-10 ପରେ ବୁଦା ପ୍ରତି 100 ଗ୍ରାମ ହିସାବରେ ହାଡ଼ଗୁଣ୍ଡ, ଆମୋ ଫସ (2କିଗ୍ରା) ଏସ ଏସ ପି ( 2କିଗ୍ରା), ପଟାସିଅମ ସଲଫେଟ (1କିଗ୍ରା) ମିଶ୍ରଣ ପ୍ରୟୋଗ କରନ୍ତୁ । | 11/19/2024 12:00:00 AM |
| 14 | ସଅଳ କିସମ ଧାନରେ ଶତକଡା 85 ଭାଗ କେଣ୍ଡା ପାଚି ଯାଇଥିଲେ କାଟି ଦିଅନ୍ତୁ | 10/14/2024 12:00:00 AM |
| 15 | ହରଡ଼ ଫସଲରେ ଛୁଇଁବିନ୍ଧା ଓ ବାଘୁଆ ଲାଗିବାର ସମ୍ଭାବନା ରହିଛି, ଏହାକୁ ଅନୁମୋଦିତ ବିଷ ପ୍ରୟୋଗ କରି ନିୟନ୍ତ୍ରଣ କରନ୍ତୁ | 10/14/2024 12:00:00 AM |
| 16 | ଝାଉଁଳା ସହଣି ଥିବା ଲଙ୍କା ମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା କିସମ ଲଗାନ୍ତୁ । | 9/6/2024 12:00:00 AM |
| 17 | ମକା ଫସଲ 4-7 ସପ୍ତାହ ହୋଇ ଥିଲେ କୋଡାଖୁସା କରି ଘାସ ବାଛି ଏକର ପ୍ରତି 8 କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । | 8/20/2024 12:00:00 AM |
| 18 | ସମସ୍ତ ଫସଲ କୁ ସର୍ବେକ୍ଷଣ କରି ଉପଯୁକ୍ତ ଶଷ୍ୟ ସଂରକ୍ଷଣ ଓ ଜଳ ନିୟନ୍ତ୍ରଣ ବ୍ୟବସ୍ଥା କରନ୍ତୁ । | 8/20/2024 12:00:00 AM |
| 19 | ଧାନ ରୋଇବାର 2-3 ସପ୍ତାହ ହୋଇଥିଲେ ଘାସ ବାଛି ପିଲ ସାର ପ୍ରୟୋଗ କରନ୍ତୁ । | 8/11/2024 12:00:00 AM |
| 20 | ତଳି ଘରାରେ 2-3 ସେମି ପାଣି ବାକି ରଖନ୍ତୁ । ତଳି 3-4 ସପ୍ତାହ ର ବା 4-5 ପତ୍ର ବିଶିଷ୍ଟ ହୋଇଥିଲେ ଅନୁମୋଦିତ ମୂଳସାର ଦେଇ ଧାନ ରୁଆ କାକରନ୍ତୁ । | 7/3/2024 12:00:00 AM |
| 21 | ବର୍ଷା ଦିନରେ ଛେଳି ଘରକୁ ଶୁଖିଲା ରଖନ୍ତୁ, ଛେଳି ଓଦା ହୋଇଗଲେ ପୋଛି ଦିଅନ୍ତୁ ଏବଂ ଘରକୁ ଉଷ୍ମ ରଖନ୍ତୁ । ପ୍ରତ୍ୟେକ ଛେଳି ପିଛା 10-15 ବର୍ଗଫୁଟ ସ୍ଥାନ ଆବଶ୍ୟକ ଏବଂ ଛେଳି ଘରେ ଅଧିକ ଛେଳି ରଖି ଗହଳି କରନ୍ତୁ ନାହିଁ । | 7/3/2024 12:00:00 AM |
| 22 | ଧାନକୁ ରୋଇବା ପୂର୍ବରୁ ଧନିଚା, ଛଣି ଆଦି ସବୁଜ ସାର କୁ ଜମିରେ ହଳ କରି ମାଟିରେ ମିଶାଇ ଦିଅନ୍ତୁ । | 7/3/2024 12:00:00 AM |
| 23 | ଗ୍ରୀଷ୍ମ ପ୍ରବାହ ସମୟରେ ଦିନ 11 ଟା ରୁ 3ଟା ପର୍ଯ୍ୟନ୍ତ ଟାଣ ଖରାରେ ପ୍ରାଣୀ କୁ ବାହାରକୁ ନ ଛାଡି ଗୁହାଳରେ ରଖନ୍ତୁ । ଅଂଶୁଘାତ ରେ ଆକ୍ରାନ୍ତ ପ୍ରାଣୀ ଙ୍କୁ ତୁରନ୍ତ ଥଣ୍ଡା ଛାଇ ସ୍ଥାନରେ ସ୍ଥାନାନ୍ତରିତ କରିବା ସହିତ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ ଏବଂ ନିକଟସ୍ଥ ପ୍ରାଣୀ ଚିକିତ୍ସକ ସହ ପରାମର୍ଶ କରନ୍ତୁ । | 5/16/2024 12:00:00 AM |
| 24 | ପ୍ରାକ ମୌସୁମୀ ବର୍ଷାର ସୁଯୋଗ ନେଇ ଜମି କୁ ହଳ କରନ୍ତୁ ଓ ରୋଟାଭେଟର ଦ୍ୱାରା ଗୁଣ୍ଡ ଚାଷ କରନ୍ତୁ । | 5/16/2024 12:00:00 AM |
| 25 | ପ୍ରତ୍ୟେକ ଗାଈ ପାଇଁ 10 ଡେସିମିଲ ଜମିରେ ଶଙ୍କର ହାତୀଆ ଚାରା ଚାଷ କଲେ ପ୍ରତ୍ୟେକ ଦିନ ଗାଈ କୁ 20-25 କିଗ୍ରା ସବୁଜ ଘାସ ଯୋଗାଇ ଦିଆଯାଇ ପାରିବ । ଏହାଦ୍ୱାରା ଦୁଗ୍ଧ ର ଉତ୍ପାଦନ ଖର୍ଚ୍ଚ କୁ କାମ କରାଯାଇ ପାରିବ । | 5/16/2024 12:00:00 AM |
| 26 | ଖରା ଦିନିଆ ଭେଣ୍ଡି, ବାଇଗଣ , କଲରା , ଜହ୍ନି , କାକୁଡି ଆଦି ପନିପରିବା ତଥା ଖଡା , ଲେଉଟିଆ ଆଦି ଶାଗ ପାଇଁ ଏପ୍ରିଲ ମାସ ପ୍ରକୃଷ୍ଟ ସମୟ । | 4/30/2024 12:00:00 AM |
| 27 | ଜମିର ବତର ଦେଖି ଖରାଦିନିଆ ହଳ କରନ୍ତୁ, ଫଳରେ ଜମିରୁ ବିଭିନ୍ନ ପ୍ରକାର ଘାସ, ପୋକର ଅଣ୍ଡା ଓ ଶୁକ ନଷ୍ଟ ହୋଇଯିବ ଓ ଫସଲରେ ରୋଗ ଓ ପୋକର ମାତ୍ରା କମିଯିବ । | 4/30/2024 12:00:00 AM |

| | | |
|---|---|---|
| 28 | ଖରଟିଆ ମୁଗ, ବିରି ବୁଣିବାର 3 ସପ୍ତାହ ହୋଇଥିଲେ କୋଡା ଖାସ କରି ଘାସ ବାଛି ଦିଅନ୍ତୁ ଓ ମାଟିର ବତର କୁ ଦେଖି ଜଳ ସେଚନ କରନ୍ତୁ । | 3/16/2024 12:00:00 AM |
| 29 | ମୁଗ ଓ ବିରି ରେ କାଳିମୁଣ୍ଡି ପୋକର ଦମନ ପାଇଁ ହୁଡ଼ା ଚାରିପଟେ କ୍ଲୋରୋ ପାଇ ରିଫସରୀଫସ ଗୁଣ୍ଡ ପ୍ରୟୋଗ କରନ୍ତୁ । | 3/16/2024 12:00:00 AM |
| 30 | ସୂର୍ଯ୍ୟମୁଖୀ ଫସଲରେ ତୈଳାଂଶ ବୃଦ୍ଧି ପାଇଁ ଏକର ପ୍ରତି 100 କିଗ୍ରା ଜିପସମ ଓ 4 କେଜି ବୋରାକ୍ସ ସହ କିଛି ଖାତା ମୂଳସାର ରେ ମିଶାଇ ପ୍ରୟୋଗ କରନ୍ତୁ । | 2/20/2024 12:00:00 AM |
| 31 | ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପର ଗ୍ରେନ ବସ୍ତାରେ ଭର୍ତି କରି ସିରକ୍ଷିତ ରଖନ୍ତୁ । | 2/20/2024 12:00:00 AM |
| 32 | ବର୍ତମାନ ପାଗରେ ମୁଗ ଓ ବିରି ରେ ପ୍ରାଟାଖିଆ ଓ କାଳି ମୁଣ୍ଡି ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିରାକରଣ ପାଇଁ ପ୍ରଫେନଫସ 50 ଇସି 2ମିଲି କିମ୍ବା dichlorvos 76% EC 1 ମିଲି କୁ ପ୍ରତି ଲିଟର ପାଣିରେ ମିଶାଇ ସନ୍ଧ୍ୟା ବେଳା ସିଞ୍ଚନ କରନ୍ତୁ । | 1/20/2024 12:00:00 AM |
| 33 | ବର୍ତମାନ ର ଥଣ୍ଡା ପାଗ ରେ ଆଗୁଆ ବୁଣା ସୋରିଷ ରେ ଯାଉ ପୋକ ଲାଗିବାର ସମ୍ଭାବନା ଅଛି ତେଣୁ ପ୍ରତିକାର ପାଇଁ ଏକର ପିଚ୍ଛା 8ଟି ହଳଦିଆ ଅଠା ଜନତା ଲଗାନ୍ତୁ । | 1/20/2024 12:00:00 AM |
| 34 | ଆଗୁଆ ବୁଣା ସୋରିଷ ବର୍ତମାନ 15-20 ଦିନ ଅବସ୍ଥାରେ ଅଛି ବର୍ତମାନ କୋଡା ଖୁସା ଓ ଘାସ ବାଛି ଦିଅନ୍ତୁ । ଧାଡିରେ ଗଛ ସଂଖ୍ୟା ଅଧିକ ଥିଲେ 15-20 ଦିନ ପରେ 8-10 ଦିନ ବ୍ୟବଧାନରେ ସୁସ୍ତ ଗଛ ରଖି ଅନ୍ୟ ଗଛ କୁ ଉପାଡି ବାହାର କରି ଦିଅନ୍ତୁ । | 1/10/2024 12:00:00 AM |
| 35 | ଶୀତଦିନେ କାକର ଭିଜା ଘାସ ଚରିବା ଯୋଗୁଁ ଛେଳି ଛୁଆ ମାନଙ୍କ ଶରୀରରେ ପରଜୀବୀ ସଂଖ୍ୟା ବୃଦ୍ଧି ପାଇଥାଏ ଏବଂ ପରଜୀବୀ ବିଷର ପରିଣାମ ଶରୀରରେ ବଢିଯାଏ ଏବଂ ଛେଳି ଛୁଆ ମୃତ୍ୟୁ ବରଣ କରେ । ଚାଷୀମାନେ ଶୀତ ଦିନେ ଛେଳି ଛୁଆ ମାନଙ୍କୁ କାକର ଶୁଖିଲା ପରେ ଅର୍ଥାତ ବିଳମ୍ବରେ ଚାରିବାକୁ ଛାଡ଼ନ୍ତୁ । | 12/19/2023 12:00:00 AM |
| 36 | ଗୋପାଳନ ରେ ନାଦ ଖାଇବା କୁ ଦେଉଥିଲେ ଦୈନିକ ପ୍ରତ୍ୟେକ ଗାଈକୁ 6-8 କେଜି ନଡାକୁ ଛୋଟ ଛୋଟ ଖଣ୍ଡ କରି ଖାଇବାକୁ ଦିଅନ୍ତୁ । ମନ ଇଛା ନଡା ଖାଇବାକୁ ଦେଲେ ଗାଈର ଗୋରସ ପରିମାଣ କମିଯାଏ । | 12/19/2023 12:00:00 AM |
| 37 | ସୀତା ଦିନରେ ଗାଈ ଗୋରୁକୁ ଥଣ୍ଡା ପ୍ରକୋପ ରୁ ରକ୍ଷା କରିବା ନିମନ୍ତେ ଗୁହାଳକୁ ଭଲଭାବେ ବନ୍ଦ କରନ୍ତୁ, ଦୁଧିଆଳୀ ଗାଈ ମାନଙ୍କୁ ଦୈନିକ ଏକ ଲିଟର କ୍ଷୀର ନିମନ୍ତେ 500 ଗ୍ରାମ ଦାନା ଖାଇବାକୁ ଦିଅନ୍ତୁ । | 12/12/2023 12:00:00 AM |
| 38 | ମେଘୁଆ ପାଗ ରେ ମୁଗ, ବିରି ଆଦି ଡାଲି ଜାତୀୟ ଫସଲରେ ଯାଉ ପୋକ ଓ ଅନ୍ୟାନ୍ୟ ଶୋଷକ କୀଟ ଲାଗିବାର ସମ୍ଭାବନା ଅଛି, ସହେବି ରୋଗର ବାହକ ଧଳା ମାଛି ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି 8 ରୁ 10 ଗୋଟି ଅଠାଳିଆ ଜନତା ବ୍ୟବହାର କରନ୍ତୁ । | 12/7/2023 12:00:00 AM |
| 39 | ମେଘୁଆ ପାଗ ହେତୁ ଜଣକ ଜାତୀୟ ପନିପରିବା ଝୁଡ଼ଙ୍ଗ , ବିନ୍ସ ଆଦି ଫସଲ ରେ ପାଉଁଶିଆ ରୋଗ ର ସମସ୍ୟା ବୃଦ୍ଧି ର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ 4 ଗ୍ରାମ ହିସାବ ରେ ସଲଫର 80% ସେଚିତ ଗୁଣ୍ଡ କିମ୍ବା 2 ଗ୍ରାମ ଟେବୁକୋନାଜୋଲ + ସଲଫର ମିଶାଇ ସିଞ୍ଚନ କରନ୍ତୁ । | 12/6/2023 12:00:00 AM |
| 40 | ସ୍ୱୟଂ ଚଳିତ ଧାନ କଟା ଯନ୍ତ୍ର ଦ୍ୱାରା ଧାନ କାଟିଲେ ଏକ ଏକର କୁ ଦୁଇ ଘଣ୍ଟା ସମୟ ମଧ୍ୟରେ ଧାନ କଟା ଯାଇପାରିଥାଏ । | 11/28/2023 12:00:00 AM |

| | | |
|---|---|---|
| **41** | ଏକ ସଙ୍ଗରେ ଧାନ କାଟି ଅମଳ କରିବା ପାଇଁ କମ୍ବାଇନ ହାର୍ଭେଷ୍ଟର ର ବ୍ୟବହାର କରିବା ଦ୍ଵାରା ହାରାହାରି ଏକ ଘଣ୍ଟା ରେ ଏକ ଏକର ଜମିରୁ କଟା ଓ ଅମଳ କରାଯାଇପାରିଥାଏ । | 11/28/2023 12:00:00 AM |
| **42** | ରବି ମୁଗ, ବିରି , ମସୁର , ମଟର ଓ ବୁଟ ଫସଲ ଶୀଘ୍ର ବୁଣନ୍ତୁ । ମଟର ଓ ଫସଲ ନଭେମ୍ବର ଶେଷ ପର୍ଯ୍ୟନ୍ତ ଲଗାଯାଇ ପାରିବ । | 11/8/2023 12:00:00 AM |
| **43** | ଧାନ କିଆରୀରେ ଶତକଡା ୫5 ଭାଗ କେଣ୍ଡା ପାଚି ଯାଇଥିଲେ ବିଳମ୍ବ ନ କରି ଧାନ କାଟି ଦିଅନ୍ତୁ । ଅମଳ ପରେ ଧାନକୁ 2-3 ଟି ଟାଣ ଖରାରେ ଶୁଖାଇ ଦିଅନ୍ତୁ । | 11/8/2023 12:00:00 AM |
| **44** | ଅମୃତଭଣ୍ଡା ଗଛ ରେ ଦହିଆ ପୋକ ପ୍ରତି ଧ୍ୟାନ ଦିଅନ୍ତୁ । ପୋକର ଆକ୍ରମଣ ଅଧିକ ହେଲେ ରାସାୟନିକ ଉପାୟରେ ଏହି ପୋକର ଦମନ ପାଇଁ ପ୍ରତି 1- ଲିଟର ପାଣିରେ 2- ମିଲି ପ୍ରୋଫେନୋଫସ କିମ୍ବା 3 ଗ୍ରାମ ଥାୟୋମଥୋକଯାମ ନାମକ କୀଟନାଶକ ପ୍ରୟୋଗ କରନ୍ତୁ । | 10/12/2023 12:00:00 AM |
| **45** | ପିଆଜ଼ କିସମ ଆଗ୍ରିଫାଉଣ୍ଡ ଲାଇଟ ରେଡ଼, ଏନ.ଏଚ.ଆର.ଡି.ଏଫ ରେଡ଼-2, ଏନ.ଏଚ.ଆର.ଡି.ଏଫ ରେଡ଼-3 ଏକର କୁ 4 କେଜି ବିହନ ବ୍ୟବହାର କରନ୍ତୁ । | 10/12/2023 12:00:00 AM |
| **46** | ଟମାଟୋ ତଳି ଗୁଡିକ 5 ରୁ 7 ପତ୍ର ବିଶିଷ୍ଟ ହେଲେ କିଆରୀରେ 60 ସେମି ବ୍ୟବଧାନରେ ଲଗାନ୍ତୁ । | 9/11/2023 12:00:00 AM |
| **47** | ଲଙ୍କା ଚାଷ ପାଇଁ ଉତ୍କଳ ଆଭା କିସମ ହେକ୍ଟର କୁ 1.5 କିଲୋ ଗ୍ରାମ ମଞ୍ଜି ବ୍ୟବହାର କରି 75 X 45 ସେମି ବ୍ୟବଧାନ ରେ ଚାରା ଲଗାନ୍ତୁ । | 9/11/2023 12:00:00 AM |
| **48** | ଚାରା ଚାଷ ମାଧ୍ୟମ ରେ ଗୋପାଳନ ରେ ଖାଦ୍ୟ ଖର୍ଚ୍ଚ କୁ କମ କରାଯାଇ ପାରିବ , ବର୍ଷା ଦିନ ଚାରା ଚାଷ ପାଇଁ ଉତ୍କୃଷ୍ଟ ହେଉଥିବାରୁ ଇଛୁକ ଚାଷୀ ପ୍ରତ୍ୟେକ ଗାଇ ପାଇଁ ୫-10 ଡେସିମିଲ ଜମିରେ ଶଙ୍କର ହାତୀଆ ଘାସ ଚାଷ କରିବା ଉତ୍ସହିତ । | 8/21/2023 12:00:00 AM |
| **49** | ବର୍ଷା ପାଗରେ ମୁଗ, ବିରି , ହରଡ଼ , ଆଦି ଡାଲି ଜାତୀୟ ଫସଲରେ ନାଲି ଓ କଳା ସମ୍ବାଳୁଆ ପୋକ ପତ୍ର ଖାଇ ଗଛକୁ ପତ୍ର ବିହୀନ କରିଦିଅନ୍ତି । ତେଣୁ ଶୁଖିଲା ପାଗ ଦେଖି କି ଏକର ପ୍ରତି 10 କିଗ୍ରା କ୍ଲୋରୋପାଇରୀଫସ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ । | 8/21/2023 12:00:00 AM |
| **50** | ମୁଖ୍ୟ ଜମିରେ ପ୍ରଥମ ଥର କାଦୁଅ କରିବା ସମୟରେ ଧନିଚା ଗଛକୁ ଭଲ ଭାବରେ ମିଶାଇ ଦିଅନ୍ତୁ । | 7/3/2023 12:00:00 AM |
| **51** | ଅଧିକ ଅମଳକ୍ଷମ ଧାନ ର 25 ରୁ 30 ଦିନର ତଳି 20 ସ 15 ସେମି ବ୍ୟବଧାନ ରେ ବୁଦା ପ୍ରତି 2-3 ଟି ତଳି ରୁଅନ୍ତୁ ଏବଂ ଶଙ୍କର ଜାତୀୟ ଧାନ ବୁଦା ପ୍ରତି 1-2 ଟି ତଳି ରୁଅନ୍ତୁ । | 7/3/2023 12:00:00 AM |
| **52** | ଧାନ ଜମିରେ ମକା, ଗହମ, ଜୁଆର ଛଣ ପଟ ଓ ବରଗୁଡି ଇତ୍ୟାଦି ଫସଲ ପୂର୍ବରୁ ଧନିଚା ସବୁଜ ଖତ ହିସାବରେ ଚାଷ କରନ୍ତୁ । | 5/25/2023 12:00:00 AM |
| **53** | ମେଘୁଆ ପାଗ ହେତୁ ଜଣକ ଜାତୀୟ ପନିପରିବା ଝୁଡ଼ଙ୍ଗ , ବିନ୍ସ ଆଦି ଫସଲ ରେ ପାଉଁଶିଆ ରୋଗ ର ସମସ୍ୟା ବୃଦ୍ଧି ର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ 4 ଗ୍ରାମ ହିସାବ ରେ ସଲଫର ୫0% ସେଚିତ ଗୁଣ୍ଡ କିମ୍ବା 2 ଗ୍ରାମ ଟେବୁକୋନାଜୋଲ + ସଲଫର ମିଶାଇ ସିଞ୍ଚନ କରନ୍ତୁ | 12/6/2022 12:00:00 AM |

| | | |
|---|---|---|
| **54** | ମୁଗ ଓ ବିରି ଏକର ପ୍ରତି 8-10 କିଗ୍ରା ଏବଂ ମଟର ଓ ବୁଟ ବିହନ ଏକର ପ୍ରତି 20 ରୁ 25 କିଗ୍ରା ଆବଶ୍ୟକ ହୋଇଥାଏ , ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନ ରେ 2 ଗ୍ରାମ କାରବେଣ୍ଡିଯିମି କିମ୍ବା 3 ଗ୍ରାମ ଭିଟାଭାକ୍ସ ପାୱାର ଗୋଳାଇ ବିଶୋଧନ କରନ୍ତୁ । | 11/24/2022 12:00:00 AM |
| **55** | ଗନ୍ଧି ପୋକ ଏକର ପ୍ରତି ଥା ମିଥାଇଲ ଅକ୍ସୀଡେମିଟନ 20 ଇସି 400 ମିଳି କିମ୍ବା ଡ଼ାଇମିଥୋଏଟ 30 ଇସି 400ମିଳି 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । | 11/19/2022 12:00:00 AM |
| **56** | ବିଳମ୍ବ କିସମ ଧାନରେ କେଣ୍ଡା କଟା ପୋକ ଦେଖାଦେଲେ ଏହାର ଦମନ ପାଇଁ ଏକର ପ୍ରତି 400 ମିଳି କ୍ୟୁନାଲଫସ 200 ଲିଟର ପାଣିରେ ମିଶାଇ ଉପରେ ସିଞ୍ଚନ କରନ୍ତୁ | 11/19/2022 12:00:00 AM |
| **57** | ପିଆଜ କିସମ ଆଗ୍ରିଫାଉଣ୍ଡ ଲାଇଟରେଡ ଏନ. ଏଚ. ଆର. ଡ଼ି. ଏଫ. ରେଡ -2 , ଏନ. ଏଚ. ଆର. ଡ଼ି. ଏଫ. ରେଡ -3 ଏକର କୁ 4 କେଜି ବିହନ ବ୍ୟବହାର କରନ୍ତୁ । | 10/29/2022 12:00:00 AM |
| **58** | ଶୀତ ଦିନିଆ ଚାଷ କରିବା ପୂର୍ବରୁ ମୃତିକା ପରୀକ୍ଷା କରେଇ ନିଅନ୍ତୁ ଏବଂ ମୃତିକା ସ୍ୱାସ୍ଥ୍ୟ କାର୍ଡ ଅନୁଯାୟୀ ଖତ ଓ ସାର ର ପ୍ରୟୋଗ କରନ୍ତୁ । | 10/18/2022 12:00:00 AM |
| **59** | ଦୈନିକ 5 ଲିଟର ରୁ ଅଧିକ ପ୍ରଦାନ କରୁଥିବା ଗାଈ କୁ 30 କିଗ୍ରା ସବୁଜ ଘାସ ସହ ଲିଟର ପିଛା 400 ଗ୍ରାମ ଦାନ ଖାଇବାକୁ ଦେବା ଜରୁରୀ । ଖାଦ୍ୟ ସହ ଶରୀର ଓଜନ ର 1 6 ଭାଗ ରୁ 1 ଭାଗ ସୁସ୍ତ ପାଣି ଦୈନିକ ଦିଆଯାଏ । | 10/6/2022 12:00:00 AM |
| **60** | ମାଟିଆ ଗୁଣ୍ଡି ପୋକ କିମ୍ବା ଧଳା ପିଠିଆ ଗଛ ଦିଆଁ ପୋକ ନିୟନ୍ତ୍ରଣ ପାଇଁ ଏକର ପିଛା ଟ୍ରାଇଫ୍ଲୁମେଁଜୋପାଇରିମ 10% SC @94 ମିଳି କିମ୍ବା ପାଇନେଟ୍ରଯାଇନ 50% WG @120 ଗ୍ରାମ ଡାଇନୋଟେ ଫୁରନ 20% SG @ 80 ଗ୍ରାମ କରନ୍ତୁ । | 9/26/2022 12:00:00 AM |
| **61** | ସେପ୍ଟେମ୍ବର ମାସ ଟମାଟୋ ଲଗାଇବା ପାଇଁ ଉପଯୁକ୍ତ ସମୟ ହୋଇ ଥିବାରୁ ଉନ୍ନତ କିସମ ଯଥା - ଅର୍କ ରକ୍ଷକ , ଅର୍କ ସମ୍ରାଟ ଆଦି କିସମ ଏକର ପ୍ରତି 150-200 ଗ୍ରାମ ବିହନ ବ୍ୟବହାର କରନ୍ତୁ । | 9/12/2022 12:00:00 AM |
| **62** | ଲଙ୍କା ଚାଷରେ ଜୀବାଣୁ ସାର ଆଜୋସ୍ପିରୀଲିୟମ 2 କିଗ୍ରା କୁ 20 କିଗ୍ରା ଶଢା ଗୋବର ଖତରେ ମିଶାଇ 7 ଦିନ ପଲିଥିନ ଘୋଡାଇ ରଖନ୍ତୁ ଓ ଏହାପରେ ଗଛ ମୂଳରେ ପ୍ରୟୋଗ କରନ୍ତୁ । | 9/12/2022 12:00:00 AM |
| **63** | ଦୁଗ୍ଧ ଉତ୍ପାଦନ ନିମନ୍ତେ ପ୍ରତି ଲି ଦୁଗ୍ଧ ନିମନ୍ତେ ଗାଈକୁ 400 ଗ୍ରାମ ଦାନା ଦୈନିକ ଦେବା ଉଚିତ । 5-6 ଲି ଦୁଗ୍ଧ ଦେଉଥିବା ଗାଈ କୁ ବିନା ଦାନାରେ ଚାରା ଚାଷ କରି ଚଳାଇ ହେବ । ଦୈନିକ ଶଷ୍ୟ ଜାତୀୟ ଚାରା 25 କେଜି ଏବଂ ପୁଷ୍ଟି ଜାତୀୟ ଚାରା 5 କେଜି ଦିଆଯାଏ | 9/12/2022 12:00:00 AM |
| **64** | କାଣ୍ଡ ବିନ୍ଧ ପୋକ ଓ ପତ୍ର ପୋଡା ପୋକ ର ଦମନ ପାଇଁ ଏକର ପିଛା ଗୋଟିଏ ଲାଇଟ ଟ୍ରାପ (ଆଲୋକ ଯନ୍ତା ) ବ୍ୟବହାର କରନ୍ତୁ । | 9/12/2022 12:00:00 AM |
| **65** | ହରଡ଼ ଫସଲରେ ଅଧିକ ଅମଳ ପାଇବା ପାଇଁ ମଞ୍ଜି ବୁଣିବା ଆଗରୁ ପ୍ରତି 1 କିଗ୍ରା ମଞ୍ଜିରେ 20 ଗ୍ରାମ ରାଇଜୋବିଅମ କଲଚର କୁ ମିଶାଇ ଭଲଭାବ ରେ ଗୋଳାଇ ଛାଇରେ ଶୁଖାଇବା ପରେ ଜମିରେ ପ୍ରୟୋଗ କରନ୍ତୁ । | 6/23/2022 12:00:00 AM |
| **66** | ଢିପ ଜମିରେ ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବାରଗୁଡି , ହରଡ , ବିରି , ମାଣ୍ଡିଆ, ଚିନାବାଦାମ, ଜଡ଼ା, ଇତ୍ୟାଦି କନ୍ଦମୂଳ ଚାଷ କରନ୍ତୁ । | 6/23/2022 12:00:00 AM |

| | | |
|---|---|---|
| 67 | ସୂର୍ଯ୍ୟମୁଖୀ ଫୁଲ ଚାଷରେ ଫୁଲ ଓ ମଞ୍ଜି ପୁରଣ ଭଳି ଗୁରୁତ୍ୱ ପୁର୍ଣ ପର୍ଯ୍ୟାୟ ରେ ଜଳ ସେଚନ କରନ୍ତୁ \| ଫୁଲ ଫୁଟିବା ପୂର୍ବରୁ ପ୍ରତି ଲିଟର ପାଣିରେ 2-3 ଗ୍ରାମ ବୋରାକ୍ସ ମିଶାଇ ସିଞ୍ଚନ କରନ୍ତୁ \| | 4/18/2022 12:00:00 AM |
| 68 | ତାପମାତ୍ରା ବୃଦ୍ଧି ଓ ଶୁଷ୍କ ପାଗ ଯୋଗୁଁ ଫସଲ ଓ ପନିପରିବା ରେ ମାଟିର ବତର କୁ ଦେଖି ଜଳ ସେଚନ (ବୁନ୍ଦା ଓ ସିଞ୍ଚନ ) ଜାରି ରଖନ୍ତୁ \| | 4/18/2022 12:00:00 AM |
| 69 | ଜମିର ଅବସ୍ଥା ଖରା ଦିନିଆ ହଳ କରନ୍ତୁ ଫଳରେ ଜମିରୁ ବିଭିନ୍ନ ପ୍ରକାର ଘାସ, ମାଟି ଉପରେ ଥିବା ପୋକର ଅଣ୍ଡା ଓ ଶୁକ ନଷ୍ଟ ହୋଇଯିବ ଓ ଫସଲରେ ରୋଗ ଓ ପୋକର ମାତ୍ରା କମିଯିବ \| | 4/13/2022 12:00:00 AM |
| 70 | ବାଇଗଣ ଓ ଟମାଟୋ ରେ ଝାଉଁଳା ରୋଗ ଦେଖା ଦେଲେ ଏହାର ନିରାକରଣ ପାଇଁ ପ୍ରତି 10 ଲିଟର ପାଣିରେ 1 ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ (streptocycline) ମିଶାଇ ମୂଳ ରେ ସିଞ୍ଚନ କରନ୍ତୁ \| | 4/12/2022 12:00:00 AM |
| 71 | ଖରାଦିନେ ପ୍ରାଣୀ ମାନଙ୍କୁ ଅନଶୁଘାତ ରୁ ରକ୍ଷା କରିବା ନିମନ୍ତେ ଦିନ 10 ଟା ପରେ ବାହାରକୁ ଛାଡ଼ନ୍ତୁ ନାହିଁ \| ଅଂଶୁଘାତ ରେ ପୀଡିତ ପ୍ରାଣୀଙ୍କୁ ଛାଇ ଜାଗାରେ ରଖି ଥଣ୍ଡା ପାଣିରେ ଗାଧୋଇ ଦିଅନ୍ତୁ \| | 3/25/2022 12:00:00 AM |
| 72 | ବାଲିଆ କିମ୍ବା ବାଲିଆ ଦୋରସା ମାଟିରେ ପାଣିର ଅପବ୍ୟବହାର କମାଇବା ପାଇଁ ଜଳ ସେଚନ ନାଳିରେ ପାଣି ମାଡ଼ିବ ପୂର୍ବରୁ ପଲିଥିନ ବିଛାଇ ଦିଅନ୍ତୁ \| | 3/25/2022 12:00:00 AM |
| 73 | ଖରଟିଆ ମୁଗ, ବିରି, ବୁଣିବାର 3 ସପ୍ତାହ ହୋଇଥିଲେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଓ ମାଟିର ବତର କୁ ଦେଖି ଜଳ ସେଚନ କରନ୍ତୁ \| | 3/25/2022 12:00:00 AM |
| 74 | ଖରିଫ ଧାନ ଫସଲ ପାଇଁ ମୃତିକା ପରୀକ୍ଷା କରି ନ ଥିଲେ ମୃତିକା ପରୀକ୍ଷା କରେଇ ନିଅନ୍ତୁ ଏବଂ ମୃତିକା ସ୍ୱାସ୍ଥ୍ୟ କାର୍ଡ ଅନୁଯାୟୀ ଜମିରେ ସାରା ପ୍ରୟୋଗ କରନ୍ତୁ \| | 3/11/2022 12:00:00 AM |
| 75 | ଜୀବାଣୁ ଜନିତ ପତ୍ରପୋଡ଼ା ରୋଗ ଦେଖା ଦେଲେ ପ୍ରଥମେ ଆକ୍ରାନ୍ତ ଧାନ କିଆରୀରେ ପାଣି ଜମି ରହୁଥିଲେ ପାଣି କାଟି ଦିଅନ୍ତୁ \| ରୋଗ ଲାଗିଥିବା ସମୟରେ ଯବକ୍ଷାରଜାନ ଜାତୀୟ ସାରା ପ୍ରୟୋଗ କରନ୍ତୁ ନାହିଁ \| ଏକର ପ୍ରତି 6-8 କିଲୋଗ୍ରାମ ମୁରେଟ ଅଫ ପଟାସ ସାରା ପ୍ରୟୋଗ କରନ୍ତୁ \| | 2/25/2022 12:00:00 AM |
| 76 | ବିରି ଓ ମୁଗରେ ଫ୍ଲି ବିଟିଲ ଲାଗିବାର ସମ୍ଭାବନା ଅଛି, ଏହାର ନିରାକରଣ ପାଇଁ କ୍ଲୋରୋପ୍ୟାରିଫସ 20% ଇସି +ସାଇପରମେଥ୍ରୀନ 5% ଇସି @ 1ମିଲି କିମ୍ବା କ୍ଲୋରୋପ୍ୟାରିଫସ 20% ଇସି ପ୍ରତି ଲିଟର ପାଣିରେ ମିଶାଇ କରନ୍ତୁ \| | 2/25/2022 12:00:00 AM |
| 77 | ପତ୍ର ଉକୁଣୀ ପୋକର ରାସାୟନିକ ଉପାୟରେ ପରିଚାଳନ ପାଇଁ ଏକର ପ୍ରତି 40 ଗ୍ରାମ thiamethoxam ନାମକ କୀଟନାଶକ କିମ୍ବା 50 ଗ୍ରାମ acetamrpid ନାମକ କୀଟ ନାଶକ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ \| | 2/25/2022 12:00:00 AM |
| 78 | ଶୀତ ଦିନରେ ଗେଣ୍ଡୁଫୁଲ ଚାଷ ପାଇଁ ସେରାକୋଲ କିସମ 45 ସ 30 ସେମି ବ୍ୟବଧାନ ରେ ହେକଟର ପିଛା 24000 ଚାରା ଲଗାନ୍ତୁ \| | 12/17/2021 12:00:00 AM |
| 79 | ଶୀତ ଦିନରେ ଗେଣ୍ଡୁଫୁଲ ଚାଷ ପାଇଁ ସେରାକୋଲ କିସମ 45 ସ 30 ସେମି ବ୍ୟବଧାନ ରେ ହେକଟର ପିଛା 24000 ଚାରା ଲଗାନ୍ତୁ \| ସହଲା ବୁଣା ସୋରିଷ ଓ ଶୀତ ଦିନିଆ ପନିପରିବା ଫସଲ ରେ ଯଉ ପୋକ ସଂକ୍ରମଣ ବୃଦ୍ଧି ପାଇବ \| ଏହି ପୋକର ନିରାକରଣ ପାଇଁ ଏକର ପ୍ରତି 80 ଥାୟୋମେଥୋକ୍ସାମ କିମ୍ବା 80 ମିଲି ଇମିଡାକ୍ଲପ୍ରିଡ଼ କୀଟ ନାଶକ ବିଷ କୁ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ \| | 12/17/2021 12:00:00 AM |

| | | |
|---|---|---|
| **80** | ଶୀତ ଦିନିଆ ଚାଷ କରିବା ପୂର୍ବରୁ ମୃତିକା କରେଇ ନିଅନ୍ତୁ ଏବଂ ମୃତିକା ସ୍ୱାସ୍ଥ୍ୟ କାର୍ଡ ଅନୁଯାୟୀ ଖାତ ଓ ସାର ପ୍ରୟୋଗ କରନ୍ତୁ \| | 10/5/2021 12:00:00 AM |
| **81** | ଝାଉଁଳା ସହଣୀ ଥିବା ଲଙ୍କା ମରିଚ କିସମ ଯଥା - ଉତ୍କଳ ରଶ୍ମି , ଉତ୍କଳ ଆଭା କିସମ ଲଗାନ୍ତୁ \| | 9/13/2021 12:00:00 AM |
| **82** | ଝାଉଁଳା ସହଣୀ ଥିବାଜମିର ଉପଯୁକ୍ତ ବତର ନଥିଲେ ଘାସ ମରା ପ୍ରୟୋଗ କରନ୍ତୁ ନାହିଁ \| ଲଙ୍କା ମରିଚ କିସମ ଯଥା - ଉତ୍କଳ ରଶ୍ମି , ଉତ୍କଳ ଆଭା କିସମ ଲଗାନ୍ତୁ \| | 9/13/2021 12:00:00 AM |
| **83** | ସେପ୍ଟେମ୍ବର ମାସ ଟମାଟୋ ଲଗାଇବା ପାଇଁ ଉପଯୁକ୍ତ ସମୟ ହୋଇଥିବାରୁ ଉନ୍ନତ କିସମ ଯଥା ଅର୍କ ରକ୍ଷକ, ଅର୍କ ସମ୍ରାଟ ଆଦି କିସମ ଏକର ପ୍ରତି 150-200 ଗ୍ରାମ ବିହନ ବ୍ୟବହାର କରନ୍ତୁ \| | 9/4/2021 12:00:00 AM |
| **84** | ମରୁଡି ପ୍ରଭାବିତ ଅଂଚଳ ରେ ଯେଉଁଠି ଧାନ ଫସଲ ହୋଇ ପାରିବ ନାହିଁ ଉଚ୍ଚ ଓ ମଧ୍ୟମ ଜମିରେ ଚାଷୀ ଭାଇ ମାନେ କୋଶଳା ଶାଗ, ମାଣ୍ଡିଆ , କୋଳଥ, ମୁଗ, ବିରି, ଝୁଡ଼ଙ୍ଗ, କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପ ଦିନିଆ ପୂର୍ବା ରବି ଫସଲ ହିସାବରେ କରି ପାରିବେ \| | 9/4/2021 12:00:00 AM |
| **85** | ବାଡ଼ି ଅଗଣାରେ କୁକୁଡ଼ା ପାଳନ କରୁଥିଲେ ରାତ୍ରି ସମୟରେ ଅଳ୍ପ ଖର୍ଚରେ ପ୍ରସ୍ତୁତ ଦାନା ଯଥା ଏକ ଭାଗ ବଜାର ଦାନା ଏବଂ 2 ଭାଗ ତସୁ ମିଶାଇ ଦୈନିକ 40-50 ଗ୍ରାମ ଖାଇବାକୁ ଦେଲେ କୁକୁଡ଼ା ଶରୀର ର ଶୀଘ୍ର ବୃଦ୍ଧି ହୁଏ \| | 9/1/2021 12:00:00 AM |
| **86** | ଧାନ ଫସଲରେ ସମସ୍ତ ପ୍ରକାରର ଘାସ ନିୟନ୍ତ୍ରଣ ପାଇଁ 25-30 ଦିନ ବେଳକୁ (ଘାସ 3-4 ପତ୍ର ଅବସ୍ଥାରେ ) ଏକର ପ୍ରତି ୪0 ମିଳି ବିସପାଇରିବାକ ସୋଡିୟମ କିମ୍ବା 37.5 ମିଳି ପେନକୁଲାମ 21.7% ଏସ.ସି. କିମ୍ବା ୪୪0 ମିଳି ସାଇହାଲୋଫପ ବିୟୁଟାଇଲ 5.1% ପେନକୁଲାମ 1.02% ଘାସମରା ବିଷକୁ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ \| | 8/27/2021 12:00:00 AM |
| **87** | ପାଣି ଅଭାବ ରୁ ଧାନ ରୁଆ କାମ ଡେରି ହୋଇଥିବା ଅଂଚଳ ରେ ସହଳ କିମ୍ବା ମଧ୍ୟମ ସହଳ କିସମ ର 25-30 ଦିନର ତଳି ବ୍ୟବହାର କରନ୍ତୁ \| ଅଧିକ ଦିନିଆ କିସମ ର 40-50 ଦିନର ତଳି 15 x 15 ସେମି ବ୍ୟବଧାନରେ ବୁଦା ପ୍ରତି 4-5 ଟି ତଳି ଅଗଭୀର କରି ସିଧା ଭାବେ ପୋତନ୍ତୁ \| | 8/10/2021 12:00:00 AM |
| **88** | ଧାନ ବିହନ ସଫା କରିବା ଏବଂ ଘାସ ମଞ୍ଜିଇବ କୁ ଅଲଗା କରିବା ପାଇଁ ଧାନ ବିହନ କୁ 2% ଲୁଣ ଦ୍ରବଣ ରେ ଏକ ଲିଟର ପାଣିରେ 20 ଗ୍ରାମ ଖାଇବା ଲୁଣ ବୁଡାଇ ଭାସମାନ ଘାସ ମଞ୍ଜି ଓ ଅଗାଡି ଧାନକୁ ଗହ୍ୱର କରି ଦିଅନ୍ତୁ | 7/13/2021 12:00:00 AM |
| **89** | ଯେଉଁ ଜମିରେ ବୋରନ ପରିମାଣ ରେ ଅଭାବ ଥାଏ ସେଠାରେ ଏକର ପିଛା ବୋରାକ୍ସ 2 କିଗ୍ରା ଶେଷ ଯମି ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ | 7/13/2021 12:00:00 AM |
| **90** | ବର୍ତମାନ ସମୟରେ ଭେଣ୍ଡି ଫସଲରେ ଗଣ୍ଡି ଓ ଫଳ ବିନ୍ଧ ପୋକର ଆକ୍ରମଣ ଦେଖା ଦେବାର ସମ୍ଭାବନା ରହିଛି \| ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି 600 ମିଲି ନିମ୍ବ ଆଧାରିତ କୀଟ ନାଶକ 1580 PPM ଆଜାଡ଼ିରାକ୍ଟିନ କୁ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ | 7/1/2021 12:00:00 AM |
| **91** | ଯେଉଁ ଜମିରେ ଦସ୍ତା ପରିମାଣ କମ ଥିବ, ଏକର ପିଛା ଜିଙ୍କ ସଲଫେଟ 10 କିଗ୍ରା ଦୁଇ ବର୍ଷ କୁ ଥରେ ଶେଷ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ | 7/1/2021 12:00:00 AM |

| | | |
|---|---|---|
| 92 | ତଳି ପଠାରେ ଉକୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି ନକ୍ଷକେ(ଆଜାଡ଼ିରାକ୍ଟିନ ) ୫00 ମିଲି କିମ୍ବା ଲାମ୍ବଡା ସାଇହଲୋଥ୍ରୀନ 5% ଇ.ସି 100 ମିଲି କିମ୍ବା ଥାୟୋମିଥୋକ୍ସାମ 25% ଡବ୍ଲୁଜୀ 40 ଗ୍ରାମ ପ୍ରୟୋଗ କରନ୍ତୁ | 7/1/2021 12:00:00 AM |
| 93 | ଖାଲୁଆ ଜମିରେ ଶୁଖିଲା ଧାନ ବୁଣିଥିଲେ ସେଠାରେ ଘାସ ନିୟନ୍ତ୍ରଣ ପାଇଁ ଗଜା ହେବାର ୫-10 ଦିନପରେ 2-3 ପତ୍ର ଥିବା ଅବସ୍ଥାରେ ଏକର ପ୍ରତି ଘାସମରା ଔଷଧ ବିଷପାଇରିବାକ ସୋଡିଉମ 10% ଏସପି 120 ମିଲି 170 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ | 7/1/2021 12:00:00 AM |
| 94 | ସୁସ୍ଥ ଗାଈ ହିଁ ସଠିକ୍ ପରିମାଣର ସ୍ୱଚ୍ଛ ଦୁଗ୍ଧ ପ୍ରଦାନ କରିପାରିବ. ତେଣୁ ନିୟମିତ ଟୀକାଦାନ କରି ଗୋପାଳକ ନିଜ ଗାଈ କୁ ରୋଗ ମୁକ୍ତ ରଖନ୍ତୁ, ବର୍ଷକୁ 2ରୁ 3 ଥର ଫାଟୁଆ, ଥରେ ସାହାଣ ଏବଂ ଥରେ ବଜବଜିଆ ଟୀକା ଦିଅନ୍ତୁ | 6/1/2021 12:00:00 AM |
| 95 | ଦୈନିକ 5 ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଉଥିବା ଗାଈ ମାନଙ୍କୁ ହାରାହାରି 25 kg ଚାରା ଖାଇବାକୁ ଦେଲେ ବଜାର କିଣା ଦାନା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ଏବଂ ଦୁଗ୍ଧ ଉତ୍ପାଦନର ଖର୍ଚ୍ଚ କମ୍ ହୋଇ ଗୋପାଳନ ଲାଭଦାୟକ ହେବ | 6/1/2021 12:00:00 AM |
| 96 | ବର୍ତମାନ ଥଣ୍ଡା ପାଗରେ ଆଗୁଆ ବୁଣା ସୋରିଷ ରେ ଯଉ ପୋକ ଲାଗିବାର ସମ୍ଭାବନା ଅଛି, ତେଣୁ ପ୍ରତିକାର ପାଇଁ ଜମିରେ ଏକର ପିଛା ୫ ଟି ହଳଦିଆ ଯନ୍ତା ଲଗାନ୍ତୁ \| ପରବର୍ତୀ ସମୟରେ ଏକର ପିଛା thiomethoxam 25% WG @ 40 ଗ୍ରାମ କିମ୍ବା Acetamiprid 20% ସପ@ 50 ଗ୍ରାମ କୁ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ | 6/1/2021 12:00:00 AM |
| 97 | ଆଗୁଆ ବୁଣା ସୋରିଷ ବର୍ତମାନ 15-20 ଦିନ ଅବସ୍ଥାରେ ଅଛି ବର୍ତମାନ କୋଡା ଖୁସା ଓ ଘାସ ବାଛି ଦିଅନ୍ତୁ \| ଧାଡି ରେ ଗଛ ସଂଖ୍ୟା ଅଧିକ ଥିଲେ 15-20 ଦିନ ପରେ ୫-10 ଦିନ ବ୍ୟବଧାନରେ ସୁସ୍ତ ଗଛ ରଖି ଅନ୍ୟ ଗଛ କୁ ଉପାଡି ବାହାର କରି ଦିଅନ୍ତୁ | 6/1/2021 12:00:00 AM |
| 98 | ଖରିଫ ଧାନ ଫସଲ ପାଇଁ ମୃତିକା ପରୀକ୍ଷା କରି ନଥିଲେ ମୃତିକା ପରୀକ୍ଷା କରି ନିଅନ୍ତୁ ଏବଂ ମୃତିକା ସ୍ୱାସ୍ଥ୍ୟ କାର୍ଡ ଅନୁଯାୟୀ ଜମିରେ ସାରା ପ୍ରୟୋଗ କରନ୍ତୁ \| | 4/3/2021 12:00:00 AM |
| 99 | ଦୁଧିଆଳୀ ଗାଈ ମାନଙ୍କର ପୁଷ୍ଟିସାର ଆବଶ୍ୟକତା ମେଣ୍ଟାଇବା ପାଇଁ ଏକ କିଲୋଗ୍ରାମ ଦାନା ବଦଳରେ ହାରାହାରି 20 କିଲୋଗ୍ରାମ ହାତୀଆ ଘାସ କିମ୍ବା ୫ କିଲୋଗ୍ରାମ ବରଗୁଡ଼ି / ଗୁଆଁର ଶଷ୍ୟ ଦିଆଯାଇପାରିବ \| ଏହାଦ୍ୱାରା ଦୁଗ୍ଧ ଉତ୍ପାଦନ ର ଖର୍ଚ କମହେବ ଏବଂ ଚାଷୀ ଅଧିକ ଲାଭ ପାଇବ \| | 2/2/2021 12:00:00 AM |
| 100 | କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗୀର ରେ ଭିନ୍ନ ପ୍ରକାର ବ୍ରୁଡେଡ୍ ଟୀକା ପ୍ରଦାନ କରାଯାଇଥିବା କୁକୁଡ଼ା ଚିଆଁ ଯଥା କଡକନାଥ, ଆସିଲ, ବନରାଜ ଆଦି ଉପଲବ୍ଧ ଅଛି \| ଇଚ୍ଛୁକ ଚାଷୀ କିଣିବା ପାଇଁ 9438184039 ନମ୍ବର ରେ ଯୋଗାଯୋଗ କରିପାରିବେ | 2/2/2021 12:00:00 AM |
| 101 | ରବି ଫସଲରେ ମାଟିର ସିଏଚ 6.5 ରୁ କାମ ଥିବା ସ୍ଥାନରେ (ଅମ୍ଳ ମାଟି) ହେକ୍ଟର ପିଛା 5 କୁଇଣ୍ଟାଲ ଚୁନ କୁ ଖତ ସହିତ ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ \| | 1/12/2021 12:00:00 AM |
| 102 | ଗୋରୁ କୁ ନାଳ ରକ୍ତ ଝାଡା ହେଉଥିଲେ, ସଜନା ପତ୍ର 500ଗ୍ରାମ ଏବଂ ଜିରା 50 ଗ୍ରାମ କୁ ମିଶାଇ ବାଟି ବାସି ତୋରାଣି ମିଶାଇ ପିଆଇଲେ କେତେକାଂଶ ରେ ରୋଗ ଭଲ ହୁଏ ଏବଂ ପରବର୍ତୀ ସମୟରେ ପ୍ରାଣିଚିକିତ୍ସକ ଙ୍କ ପରାମର୍ଶ କ୍ରମେ କରା ଯାଇପାରିବ | 1/12/2021 12:00:00 AM |

| | | |
|---|---|---|
| **103** | ମୁଗ, ବିରି ତଥା ଅନ୍ୟାନ୍ୟ ଡାଲି ଜାତୀୟ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ହେକଟର ପ୍ରତି 1000 ml ଈମାଦିଥାପିର 10% SL , 10-15 ଦିନ ବୁଣିବ ପରେ ବ୍ୟବହାର କରନ୍ତୁ | 1/12/2021 12:00:00 AM |
| **104** | ପେଟ ଫମ୍ପା ରୋଗରେ ପୀଡିତ ଗାଈ କୁ ପ୍ରଥମେ ଅରଖ ପତ୍ର ହାରାହାରି 50 ଗ୍ରାମ (ଗୋଟିଏ ଡାଳ) ଖାଇବାକୁ ଦିଅନ୍ତୁ । ତା ପରେ 100 ଗ୍ରାମ ରାଶି ତେଲ ପିଆଇବା ଦ୍ଵାରା ତୁରନ୍ତ ଉପଶମ ମିଳେ | 1/12/2021 12:00:00 AM |
| **105** | ବର୍ତମାନ ପାଗରେ ମୁଗ ଓ ବିରି ରେ ପତ୍ରଖିଆ ଓ କାଳିମୁଣ୍ଡି ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିରାକରଣ ପାଇଁ profenphos 50 EC 2 ମିଲି କିମ୍ବା Dichlorvos 36% E.c 1 ମିଲି କୁ ପ୍ରତି ଲିଟର ପାଣିରେ ମିଶାଇ ସନ୍ଧ୍ୟା ବେଳା ସିଞ୍ଚନ କରନ୍ତୁ | 1/12/2021 12:00:00 AM |
| **106** | ଆଳୁ ବିହନ ଲଗାଇବାର 21 ଦିନ ପରେ ଘାସ ବଛା ଓ କୋଡାଖସା କରନ୍ତୁ । ଗଛଠୁ 3-4 ସେମି ବ୍ୟବଧାନରେ 2 ପାର୍ଶ୍ଵରେ 2-3 ସେମି ଗଭୀରରେ 26 କିଗ୍ରା ୟୁରିଆ ଓ 20 କିଗ୍ରା ଏମଓପି କୁ ପ୍ରୟୋଗ କରି ମାଟି ଟେକି ଦିଅନ୍ତୁ । ପ୍ରଥମ କୋଡାଖସା ର 3 ସପ୍ତାହ ପରେ ଦ୍ଵିତୀୟ କଡାଖୋସା ଓ ସାର ପ୍ରୟୋଗ କରନ୍ତୁ | 12/19/2020 12:00:00 AM |
| **107** | ସହଳ ବୁଣା ସୋରିଷ ଓ ଶୀତ ଦିନିଆ ପନିପରିବା ଫସଲରେ ଯାହା ପୋକ ସଂକ୍ରମଣ ବୃଦ୍ଧି ପାଇବ । ଏହି ପୋକର ନିରାକରଣ ପାଇଁ ଏକର ପ୍ରତି 80 ମିଲି imidakloprid କୀଟନାଶକ ବିଷ କୁ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ | 12/17/2020 12:00:00 AM |
| **108** | ଶୀତଦିନେ କାକର ଭିଜା ଘାସ ଖାଇବା ଦ୍ଵାରା କୌଣସି ଲକ୍ଷଣ ନ ଦେଖେଇ ଏଣ୍ଟେରୋଟକ୍ସିମିଆ ରୋଗରେ ପଡି ହଟାତ ମୃତ୍ୟୁ ମଉକାରେ ପଡନ୍ତି ।ତେଣୁ ଛେଳିଛୁଆ ମାନଙ୍କୁ ଶୀତ ଦିନରେ ବିଳମ୍ବରେ ବା କାକର ଶୁଖିଲା ପରେ ପଡିଆକୁ ଚରିବାକୁ ଛାଡ଼ନ୍ତୁ | 12/7/2020 12:00:00 AM |
| **109** | ରବି ଫସଲରେ ମାଟିର ପି.ଏଚ 6.5 ରୁ କାମ ଥିବା ସ୍ଥାନରେ (ଅମ୍ଳ ମାଟି) ହେକ୍ଟର ପିଛା 5 କୁଇଣ୍ଟାଲ ଚୁନାକୁ ଖତ ସହିତ ମିଶାଇ ପ୍ରୟୋଗ କଲେ ଅଧିକ ଅମଳ ହୋଇଥାଏ | 11/10/2020 12:00:00 AM |
| **110** | ଗେଣ୍ଡୁ ଗଛ 40 ଦିନ ର ହୋଇଗଲେ ଆଗ ଡାଳ ଗୁଡିକୁ ଛିଣ୍ଡାଇ ଦିଅନ୍ତୁ । ତାପରେ ଏକର ପ୍ରତି 40 କିଗ୍ରା ୟୁରିଆ ସାର ସିଆରରେ ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ | 11/10/2020 12:00:00 AM |
| **111** | ଚଳିତ ବର୍ଷ କେନ୍ଦ୍ର ସରକାର ଲମ୍ବ ତନ୍ତୁ ଯୁକ୍ତ F.A.Q କପା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଟ. ୫୮୨୫/- କ୍ୱିଣ୍ଟାଲ ପ୍ରତି ଓ ମଧ୍ୟମ ଲମ୍ବ ତନ୍ତୁ ଯୁକ୍ତ F.A.Q କପା ପାଇଁ ଟ.୫୫୧୫/- କ୍ୱିଣ୍ଟାଲ ପ୍ରତି ଘୋଷଣା କରିଛନ୍ତି। F.A.Q କପା ରେ ୮% ଜଳୀୟ ଅଂଶ ରହିବା ଆବଶ୍ୟକ ଓ ଏହା କୁଟା, କାଠି, ପତ୍ର,ଗୋଡି, ବାଲି ଆଦି ମଇଳା ରୁ ମୁକ୍ତ ଥିବା ଦରକାର। ୮% ରୁ ୧୨% ଜଳୀୟ ଅଂଶ ବଢ଼ିଲେ କପା ର ମୂଲ୍ୟ ତଦନୁଯାୟୀ କମ୍ କରାଯାଇଥାଏ। ୧୨%ରୁ ଅଧିକ ଜଳୀୟ ଅଂଶ ଥିବା କପା ବିକ୍ରି ଯୋଗ୍ୟ ନୁହେଁ | 11/10/2020 12:00:00 AM |
| **112** | ମୁଗ ଓ ବିରି ବୁଣିବ ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲଚର ରେ ଉପଚାର କରି ଛାଇରେ ଶୁଖାଇ ଧାଡି କୁ ଧାଡି 25-30 ସେମି ଓ ମଞ୍ଜି କୁ ମଞ୍ଜି 10 ସେମି ବ୍ୟବଧାନ ରଖନ୍ତୁ | 11/6/2020 12:00:00 AM |
| **113** | ପର୍ବ ପର୍ବାଣି ର ବଳକା ଖାଦ୍ୟ କୁ ଗାଈ ଗୋରୁ ଲୋଭରେ ଅଧିକ ପରିମାଣ ରେ ଖାଇଦେଲେ ପେଟ ଫମ୍ପା ରେ ପଡି ମୃତ୍ୟୁ ବରଣ କରନ୍ତି, ତୁରନ୍ତ ଉପଶମ ନିମନ୍ତେ 100 ମିଲି ଯେକୌଣସି ଖାଇବା ତେଲ ପିଆଇବା ସହ ପ୍ରାଣୀ ଚିକିତ୍ସକ ଙ୍କୁ ପରାମର୍ଶ କରନ୍ତୁ | 11/6/2020 12:00:00 AM |

| | | |
|---|---|---|
| **114** | ଅଣ ଜଳସେଚିତ ଜମିର ମାଟିର ବତର ଦେଖି 85 ଦିନ ଭିତରେ ଅମଳ ହେଉଥିବା ସୋରିଷ କିସମ ଯଥା ଅନୁରାଧା, ପାର୍ବତୀ, ସୁଶ୍ରୀ, ଉତ୍ତରା ଇତ୍ୟାଦି ଏକର ପ୍ରତି 2 କିଗ୍ରା ବୁଣି ପାରିବେ | 11/6/2020 12:00:00 AM |
| **115** | ସୀତ ଦିନିଆ ଚିନାବାଦାମ ଫସଲରେ ଏକର ପ୍ରତି 5 କିଗ୍ରା ଯବକ୍ଷାରଜାନ , 16 କିଗ୍ରା ଫସଫରସ 16 କିଗ୍ରା ପଟାସ ସାର କୁ ମୂଳ ସାର ଭାବେ ପ୍ରୟୋଗ କରନ୍ତୁ ଏବଂ ଗଛକୁ ଗଛ 10 ସେମି ଓ ଧାଡି କୁ ଧାଡି 30 ସେମି ବ୍ୟବଧାନ ରେ ଲଗାନ୍ତୁ | 10/13/2020 12:00:00 AM |
| **116** | ବର୍ଷା ଓ ବାୟୁ ମଣ୍ଡଳ ର ଆଦ୍ରତା ଅଧିକ ରହିବାର ସମ୍ଭାବନା ଥିବାରୁ ପନିପରିବା ତଳି ରେ ମୂଳ ପଚ୍ଛ ରୋଗ ଲାଗିବାର ସମ୍ଭାବନା ଅଛି ଏହାକୁ ନିୟନ୍ତ୍ରଣ କରିବା ପାଇଁ ବର୍ଷା ଜଳ କମିଗଲା ପରେ ପ୍ରତି ଲିଟର ଜଳରେ 2.5 ଗ୍ରାମ କପର ଅକ୍ସୀ କ୍ଲୋରାଇଡ ମିଶାଇ ମାଟି ଓ ମୂଳ ରେ ସିଞ୍ଚନ କରନ୍ତୁ | 10/13/2020 12:00:00 AM |
| **117** | ସୀତ ଦିନିଆ ଚାଷ କରିବା ପୂର୍ବରୁ ମୃତିକା ପରୀକ୍ଷା ସ୍ୱାସ୍ଥ୍ୟ କାର୍ଡ ଅନୁଯାୟୀ ଖାତା ଓ ସାରା ପ୍ରୟୋଗ କରନ୍ତୁ | 10/13/2020 12:00:00 AM |
| **118** | ଲଙ୍କା ଗଛ ରେ ଜୀବାଣୁ ସାର, ଆଯୋସ୍ପିରୁଲିଆମ 2 କିଗ୍ରା କୁ 20 କିଗ୍ରା ଶଢା ଗୋବର ଖତରେ ମିଶାଇ 7 ଦିନ ପଲିଥିନ ଗୋଡ଼ାଇ ରଖନ୍ତୁ ଓ ଏବଂ ଏହା ପରେ ଗଛ ମୂଳରେ ପ୍ରୟୋଗ କରନ୍ତୁ | 9/15/2020 12:00:00 AM |
| **119** | ଖରିଫ ମୁଗ ଫସଲରେ ଅଧିକ ଅମଳ ପାଇବା ପାଇଁ 2 ଶତକଡା ଡ଼ିଏପି କୁ ଫୁଲ ବାହାରିବା ଆଗରୁ ପତ୍ର ସିଞ୍ଚନ କରନ୍ତୁ ଏବଂ ପ୍ରଥମ ସିଞ୍ଚନ ର 15 ଦିନ ପରେ ଦ୍ଵିତୀୟ ସିଞ୍ଚନ କରନ୍ତୁ | 9/15/2020 12:00:00 AM |
| **120** | ଗାଈ ଗୋରୁ ମାନଙ୍କୁ ଫାଟୁଆ ରୋଗରୁ ବଞ୍ଚାଇବା ପାଇଁ ବର୍ଷକୁ 3 ଥର ଫାଟୁଆ ଟୀକା ଦିଅନ୍ତୁ ଏ ବର୍ଷ ଏ ପର୍ଯ୍ୟନ୍ତ ଦେଇ ନ ଥିଲେ ଏହି ଶୀତ ଦିନ ଆରମ୍ଭ ପୂର୍ବରୁ ସୁନିଶ୍ଚିତ ଟୀକା ଦିଅନ୍ତୁ | 9/15/2020 12:00:00 AM |
| **121** | ଗାଈ ଗୋରୁ ମାନଙ୍କୁ ଫାଟୁଆ ରୋଗରୁ ବଞ୍ଚାଇବା ପାଇଁ ବର୍ଷକୁ 3 ଥର ଫାଟୁଆ ଟୀକା ଦିଅନ୍ତୁ ଏ ବର୍ଷ ଏ ପର୍ଯ୍ୟନ୍ତ ଦେଇ ନ ଥିଲେ ଏହି ଶୀତ ଦିନ ଆରମ୍ଭ ପୂର୍ବରୁ ସୁନିଶ୍ଚିତ ଟୀକା ଦିଅନ୍ତୁ | 9/4/2020 12:00:00 AM |
| **122** | ଦୈନିକ 5ଲି. ଦୁଗ୍ଧ ଦେଉଥିବା ଗାଈ କୁ ଦୈନିକ ହାରାହାରି 30-35 କିଗ୍ରା ଚାରା ଖାଇବାକୁ ଦେଲେ ବଜାର ଦାନା ଦେବାର ଆବଶ୍ୟକତା ପଡେ ନାହିଁ । | 7/21/2020 12:00:00 AM |
| **123** | MAKA PHASALARE EKAR PRATI NPK (50;24;24 KIGRA) SUPARISA KARAJAITHIBA DOJA RA SAMASTA PHASPHOROUS EBON POTASH JABAKSHYARJAN RA EKA TRITIYANSHA PRAYOG KARANTU | 6/24/2020 12:00:00 AM |
| **124** | KHARIF DHANA PHASALARE SESHA HALA KARIBA SAMAYARE EKAR PICHHA 26 KG DAP EBON 20 KG MOD PRAYOG KARANTU | 6/24/2020 12:00:00 AM |
| **125** | ଚାଷୀ ଭାଇ ମାନେ କୌଣସି ଗୁଜବ ରେ ବିଶ୍ଵାସ ନ କରି କପା ଚାଷ ଆଗ ବର୍ଷ ପରି କରନ୍ତୁ। ସରକାର ମଣ୍ଡି ମାଧ୍ୟମ ରେ ଲମ୍ବ ତନ୍ତୁ ଯୁକ୍ତ କପା କୁ ସର୍ବନିମ୍ନ ଟ.୫୮୨୫/- କ୍ୱିଣ୍ଟାଲ ପ୍ରତି ମୂଲ୍ୟରେ କିଣିବା ପାଇଁ ଧାର୍ଯ୍ୟ କରିଛନ୍ତି। | 6/24/2020 12:00:00 AM |
| **126** | ଡାଲି ଫସଲରେ ସାହେବି ରୋଗ ପରିଚାଳନା ସମୟରେ ମୁହଁ ରେ ମାସ୍କ ଲଗାନ୍ତୁ ଓ ପରେ ହାତ ଗୋଡ ସାବୁନ ରେ ଧୋଇ ସଫା ରଖନ୍ତୁ । | 4/4/2020 12:00:00 AM |
| **127** | ଜଣାଶୁଣା ଲୋକଙ୍କୁ କାମରେ ଲଗାନ୍ତୁ ଓ ସନ୍ଦିଗ୍ଧ ବ୍ୟକ୍ତି ଙ୍କ ଠାରୁ ଦୂରରେ ରୁହନ୍ତୁ । ଧାନ ଗଦା ୩-୪ ଫୁଟ ବ୍ୟବଧାନରେ ରଖନ୍ତୁ ଓ ଗଦା ପ୍ରତି ୧-୨ ଶ୍ରମିକ କାମରେ ଲଗାନ୍ତୁ | 4/4/2020 12:00:00 AM |

| | | |
|---|---|---|
| **128** | ଧାନ ପାଚି ଯାଉଥିବା ସମୟରେ ବର୍ଷା ହେଲେ ୫% ଲୁଣ ପାଣି ସିଞ୍ଚନ କରନ୍ତୁ | 4/4/2020 12:00:00 AM |
| **129** | JEUN JAMIRE DASTA PARIMANA KAM THIBA EKAR PICHHA JINK SULPHATE 10 KIGRA (DUI BARSA KU THARE ) SESHA JAMI PRASTUT SAMAYARE PRAYOG KARANTU | 3/7/2020 12:00:00 AM |
| **130** | TALIGHARA RE GHASA NIYANTRANA KARIBA PAIN BIHANA BUNIBARA 0-3 DINA PARE EKAR PRATI PAIRAJOL PHURON ETHYLE 80 GM SINCHANA KARANTU | 3/7/2020 12:00:00 AM |
| **131** | ଶର୍କରା ଜାତୀୟ ଖାଦ୍ୟ ଅଧିକ ଖାଇବା ଯୋଗୁଁ ଛେଳି ମାନଙ୍କ ଠାରେ ପେଟ ଫମ୍ପା ଲକ୍ଷଣ ଦେଖାଯାଏ, ଆକ୍ରାନ୍ତ ଛେଳିକୁ ଯେକୌଣସି ଖାଇବା ତେଲ ୫୦-୧୦୦ ମିଲି ପିଆଇ ଦେଲେ ଛେଳିକୁ ଆରୋଗ୍ୟ ମିଳେ । | 11/25/2019 12:00:00 AM |
| **132** | ନଭେମ୍ବର ମାସର ପ୍ରଥମ ଦୁଇ ସପ୍ତାହ ମଧ୍ୟରେ ଆଳୁ ଲଗାଇ ଦିଅନ୍ତୁ । | 11/25/2019 12:00:00 AM |
| **133** | ଅଳ୍ପ ଜ୍ୱର ସହ ଗାଈ ଶରୀରରେ କଠିନ ଗୋଲାକାର ଆବୁ ମାନ ଦେଖାଗଲେ ଜାଣିବା ଯେ ଗାଈଟି ଚର୍ମ ବିଣ୍ଡି ରୋଗ (LUMPY SKIN DISEASE) ରେ ଆକ୍ରାନ୍ତ । ମଶା ମାଛି ମାନେ ଏହି ରୋଗ ର ବାହକ ଅଟନ୍ତି ତେଣୁ ଗୁହାଳ କୁ ପରିଷ୍କାର ରଖନ୍ତୁ । ଆକ୍ରାନ୍ତ ଗାଈ କୁ ତୁରନ୍ତ ଗୋଠ ରୁ ଅଲଗା କରି ଦିଅନ୍ତୁ । ପ୍ରାଣୀ ଚିକିତ୍ସକ ଙ୍କ ପରାମର୍ଶ ରେ ଚିକିତ୍ସା କରନ୍ତୁ ଏବଂ ତରଳ ନରମ ଖାଦ୍ୟ ବା ଚାରା ଖାଇବାକୁ ଦିଅନ୍ତୁ । | 11/25/2019 12:00:00 AM |
| **134** | ଜଳ ସେଚନ ର ସୁବିଧା ଥିଲେ ୧୨୫ ଦିନ ଅମଳ ଭିତରେ ଅମଳ ହେଉଥିବା, ପୁଶା ସୋରିଷ-୨୫, ପୁଶା ସୋରିଷ-୨୫କିମ୍ବା RGM -୨୩୬ କିସମ ଏକର ପ୍ରତି ୨ କେଜି ବୁଣିବେ ହେଉଥିବ । | 11/19/2019 12:00:00 AM |
| **135** | ଶୀତ ଦିନ କାକର ଭିଜା ଘାସ ଚାରିଲେ ଛେଳି ଛୁଆ ମାନେ ଏଣ୍ଟେରଟେକସେମିଆ ରୋଗରେ ପଡି ହାଟଥ ମୃତ୍ୟୁ ବରଣ କରନ୍ତି । ଏହାର ପ୍ରତିକାର ପାଇଁ ବର୍ଷ କୁ ଥରେ ବର୍ଷ ଋତୁ ପୂର୍ବରୁ ଟୀକାକରଣ କରନ୍ତୁ ଏବଂ ଛେଳି ଛୁଆ ମାନଙ୍କୁ ଶୀତ ଦିନରେ ସକାଳ ବେଳା ବିଳମ୍ବ ରେ ଚରିବାକୁ ଛାଡ଼ନ୍ତୁ । | 11/16/2019 12:00:00 AM |
| **136** | ରବି ଫସଲ ରେ ମାଟିର ପି ଏଚ ୬.୫ ରୁ କମ ଥିବା ସ୍ଥାନରେ (ଅମ୍ଳ ମାଟି) ହେକ୍ଟର ପିଛା ୫ କୁଇଣ୍ଟାଲ ଚୁନକୁ ଖତ ସହିତ ମିଶାଇ ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ । | 11/16/2019 12:00:00 AM |
| **137** | ମୁଗ ଓ ବିରି ବୁଣିବ ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲଚର ରେ ଉପଚାର କରି ଛାଇ ରେ ଶୁଖାଇ ଧାଡିରେ ବୁଣନ୍ତୁ ତଥା ଧାଡି କୁ ଧାଡି ୨୫-୩୦ ସେମି ଓ ମଞ୍ଜି କୁ ମଞ୍ଜି ୧୦ ସେମି ବ୍ୟବଧାନ ରଖନ୍ତୁ । | 11/8/2019 12:00:00 AM |
| **138** | ବାଛୁରୀ ଜନ୍ମ ର ପ୍ରଥମ ସପ୍ତାହ ମଧ୍ୟରେ ଟିଟନାଶଟିଟାନସ ଟୀକା, ୩ ମାସରେ ଫଟୁଆ ଏବଂ ୬ ମାସରେ ଶାହଣା, ବଜବଜିଆ ଟୀକା ଦେବା ଉଛିତ । | 11/8/2019 12:00:00 AM |
| **139** | ଗୋଲାପ ଗଛ କୁ କାଣ୍ଡଛାଂଟ କରି ଅଳ୍ପ କେତେକ ସୁସ୍ତ ସବଳ ଡାଳ ରଖନ୍ତୁ ଏବଂ କାଣ୍ଡଛାଂଟ କରିବାର ୭-୧୦ ଦିନ ପରେ ବୁଦା ପ୍ରତି ୧୦୦ଗ୍ରାମ ହିସାବରେ ହାଡ଼ଗୁଣ୍ଡ ଆମୋଫସ (୨କେଜି) ଏସଏମପି (୨କେଜି) ପଟାସିଅମ ସଲଫେଟ (୧କେଜି) ମିଶ୍ରଣ ର ପ୍ରୟୋଗ କରନ୍ତୁ । | 11/8/2019 12:00:00 AM |
| **140** | ଅଣଜଳସେଚିତ ଜମିରେ ମାଟିର ବତର ଦେଖି ୮୫ ଦିନ ଭିତରେ ଅମଳ ହୋଇଥିବା ସୋରିଷ କିସମ ଯଥା ଅନୁରାଧା, ପାର୍ବତୀ, ସୁଗ୍ରୀ, ଉତରା, ଇତ୍ୟାଦି ବୁଣି ପାରିବେ ଏକର ପ୍ରତି ୨ କେଜି । | 11/8/2019 12:00:00 AM |
| **141** | ବର୍ଷା ଛାଡି ଗଲାପରେ ଧାନ ଫସଲରେ ମାଟିଆଗୁଣ୍ଡି ପୋକ ଲାଗିବାର ସମ୍ଭାବନା ରହିଛି, ଏଣୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ, ପ୍ରତି ୬ ଫୁଟ ବ୍ୟବଧାନରେ ପାହି ତିଆରି କରନ୍ତୁ, ଏକରପ୍ରତି ପାଇମେଟ୍ରୋଜିଂ ୫୦% | 10/28/2019 12:00:00 AM |

| | | |
|---|---|---|
| | ଡବ୍ଲୁଜି ୧୨୦ ଗ୍ରାମ କିମ୍ବା ଡାଇନୋଟିଫୁରନ ୨୦% ଏସଜି ୮୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ମୂଳ ଭାଗକୁ ସିଞ୍ଚନ କରନ୍ତୁ । | |
| **142** | ଶୀତଦିନିଆ ଚିନାବାଦାମ ଫସଲରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ, ୧୬ କିଗ୍ରା ଫସପରସ, ୧୬ କିଗ୍ରା ପଟାସ ସାରାକୁ ମୂଳସର ଭାବେ ପ୍ରୟୋଗ କରନ୍ତୁ ଏବଂ ଗଛ କୁ ଗଛ ୧୦ ସେମି ଓ ଧାଡି କୁ ଧାଡି ୩୦ ସେମି ବ୍ୟବଧାନରେ ଲଗାନ୍ତୁ । | 10/28/2019 12:00:00 AM |
| **143** | ଶୀତ ଦିନିଆ ଚାଷ କରିବା ପୂର୍ବରୁ ମୃତିକା ପରୀକ୍ଷ କରାଇ ନିଅନ୍ତୁ ଏବଂ ମୃତିକା ସ୍ୱାସ୍ଥ୍ୟ ଅନୁଯାୟୀ ଖାତା ଓ ସାର ର ପ୍ରୟୋଗ କରନ୍ତୁ । | 10/28/2019 12:00:00 AM |
| **144** | ଅତ୍ୟଧିକ ବର୍ଷା ଯୋଗୁଁ କପା ଜମିରେ ପାଣି ଜମି ରହିବା ଦ୍ୱାରା ଯଦି କପା ଗଛ ହଳଦିଆ ପଡି ଜାଇଥାଏ ତେବେ ୧୦ ଗ୍ରାମ ଡିଏପି କିମ୍ବା ୫ ଗ୍ରାମ ୧୯:୧୯:୧୯ ସାରା ପ୍ରତି ୧ ଲିଟର ପାଣିରେ ମିଶାଇ ୭ ଦିନ ଅନ୍ତରରେ ୨ ଥର ସିଞ୍ଚନ କରନ୍ତୁ । | 9/20/2019 12:00:00 AM |
| **145** | ମଞ୍ଜି ଲଗେଇବାର ୬୦ ଦିନ ବେଳକୁ kadhha ଏବଂ phula n jhadiba ପାଇଁ ୭ ମିଲି ପ୍ଲାନଟିକ୍ସ ଡ plantaid namaka harmon ku 15 litar panire misai sinchan karantu | 9/20/2019 12:00:00 AM |
| **146** | କପା ମଞ୍ଜି ଲଗେଇବାର ୫୫ ରୁ ୬୦ ଦିନ ମଧ୍ୟରେ ଏକର ପ୍ରତି ୨୬ କେଜି ୟୁରିଆ ସାର ପ୍ରୟୋଗ କରନ୍ତୁ । | 9/20/2019 12:00:00 AM |
